# ଖଣି ଖନନକୁ ୫ ପଞ୍ଚାୟତବାସୀଙ୍କ ବିରୋଧ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**■ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଲୋକେ**

**■ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

**କୋରାପୁଟ,୨୭।୮(ଅମିତାଭ ବେହେରା)**

କୋରାପୁଟ ଜିଲା ଅନ୍ତର୍ଗତ ନନ୍ଦପୁର ବ୍ଲକ ବାଲାଡା ଖଣି ଖନନ ବନ୍ଦ କରିବା ଦାବିରେ ମଙ୍ଗଳବାର ୫ ପଞ୍ଚାୟତବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ଭି. କୀର୍ତ୍ତି ଭାସନଙ୍କୁ ପ୍ରଦାନ କରିଛନ୍ତି। ୫ଟି ପଞ୍ଚାୟତର ଶତାଧିକ ଜନସାଧାରଣ ପାରମ୍ପରିକ ଅସ୍ତ୍ର ଶସ୍ତ୍ର ଧରି ସ୍ଥାନୀୟ ରେଲୱେ ପଡିଆରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ଥିଲେ। ନନ୍ଦପୁର ବ୍ଲକ ବାଲଡା ପଞ୍ଚାୟତରେ ଥିବା ମା' ନାଗେଶ୍ୱୋରୀ ପାହାଡକୁ ସୁରକ୍ଷା ଦେବା ସହ ୧୭ ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ମା' ନାଗେଶ୍ୱରୀ ପାହାଡରେ ବକ୍ସାଇଟ ଖଣି ଖନନ ପାଇଁ ଆଦାନୀ ଗ୍ରୁପକୁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଥିବାରୁ ନନ୍ଦପୁର ବ୍ଲକର ୫ ପଞ୍ଚାୟତର ଆଦିବାସୀମାନେ ବିରୋଧ କରିଛନ୍ତି। ବିନା ପଲ୍ଲିସଭାରେ ଖଣି ଖନନ ପାଇଁ କିପରି ଅନୁମତି ଦିଆଗଲା ସେ ନେଇ ସେମାନେ ପ୍ରଶ୍ନ କରିଛନ୍ତି । ପୂର୍ବରୁ ରାଜ୍ୟ ସରକାର ଏହାକୁ ଏକ ପର୍ଯ୍ୟଟକସ୍ଥଳୀର ମାନ୍ୟତା ଦେଇ ଏହାର ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ। ହେଲେ ଏବେ କେନ୍ଦ୍ର ସରକାର ମା' ନାଗେଶ୍ୱୋରୀ ପାହାଡକୁ ବକ୍ସାଇଟ ଖଣି ଥିବା କହି ଖନନ କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ଖଣି ଖନନ ଦ୍ୱାରା ବିଶେଷକରି ବାଲ୍ଡା, କୁଲାବିର, ଭେଜା, ବାଡେଲ, ଅଚଣ୍ଡା ଆଦି ୫ଟି ପଞ୍ଚାୟତ ପ୍ରଭାବିତ ହେବା ସହ ବସବାସ କରୁଥିବା ଗ୍ରାମବାସୀ ଜୀବିକା ହରାଇବେ ବୋଲି କହିଛନ୍ତି। ଆମେ ମରିବୁ ପଛେ ଖଣି ଖନନକୁ ଅନୁମତି ଦେବୁ ନାହିଁ ବୋଲି ଗ୍ରାମବାସୀ ଜଣାଇଛନ୍ତି।

## କାଗଜକଳ ଶ୍ରମିକଙ୍କ ଭୁବନେଶ୍ୱର ଯାତ୍ରା -ଆଜିଠାରୁ ବିଧାନସଭା ଆଗରେ ଦେବେ ଧାରଣା

**ଜୟପୁର, ୨୭।୮(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁରସ୍ଥିତ ସେବା କାଗଜକଳ ଶ୍ରମିକଙ୍କ ଏକ ପ୍ରତିନିଧି ଦଳ ମଙ୍ଗଳବାର ଭୁବନେଶ୍ୱର ଯାତ୍ରା କରିଛନ୍ତି। ବୁଧବାର ୨୮ ତାରିଖରୁ ୨ ଦିନ ଧରି ସେମାନେ ବିଧାନସଭା ଆଗରେ ଧାରଣା ଦେବେ। ଏଥିସହ ମୁଖ୍ୟମନ୍ତ୍ରୀ, ଶିଳ୍ପ ଓ ଶ୍ରମ ମନ୍ତ୍ରୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବେ। ପ୍ରକାଶ ଯେ, ଗତ ଜୁଲାଇ ୨୦ରୁ ସେବା କାଗଜକଳରେ ଉତ୍ପାଦନ ବନ୍ଦ ଅଛି। କେବେ ଚାଲିବ ତା'ର କୌଣସି ତଥ୍ୟ ନାହିଁ। ଗତ ଛ' ମାସ ହେଲା ଦରମା ନାହିଁ। ଏଥିସହ ଅବସରପ୍ରାପ୍ତ ଶ୍ରମିକ ଓ ମୃତ ଶ୍ରମିକଙ୍କ ପରିବାରକୁ କୌଣସି ପାଉଣା ମିଳୁ ନାହିଁ। ଇପିଏଫ୍, ପେନସନ ଗ୍ରାଚ୍ୟୁଇଟି ବକେୟା ପାଉଣା ପାଇଁ ଶ୍ରମିକମାନେ ଅନେଇ ରହିଛନ୍ତି। ଏଭଳି ଦାରୁଣ ଅବସ୍ଥା ଗତ ପାଞ୍ଚ ବର୍ଷ ହେଲା ଲାଗି ରହିଛି। ଏହାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଦାବି କରି ମୁଖ୍ୟମନ୍ତ୍ରୀ, ଶିଳ୍ପ ଓ ଶ୍ରମ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ ସହ ଏ ନେଇ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି। ଶ୍ରମିକ ନେତା ତଥା ସଂଘ ସଭାପତି ପ୍ରମୋଦ କୁମାର ମହାନ୍ତିଙ୍କ ନେତୃତ୍ୱରେ ବସନ୍ତ ବେହେରା, ସୁବାସ ବେହେରା, ଉମାଶଙ୍କର ଶତପଥୀ, ଅଲେଖ ପାତ୍ର, ବିପିନ ମିଶ୍ର, ଧ୍ରୁବ ମଲ୍ଲିକ, ଭାସ୍କର ମିଶ୍ର, ଘେନୁଆ ହରିଜନ, ରମେଶ ଗଣ୍ଡା ଭୁବନେଶ୍ୱର ଯାତ୍ରା କରିଛନ୍ତି।

## ଗାଡ଼ି ଠକେଇ ମାମଲା: ଜଣେ ଗିରଫ, ୫ ଗାଡ଼ି ଜବତ

**ଦାମନଯୋଡି,୨୭।୮(ମାନସ ରଞ୍ଜନ କର)**

ଏକ ଗାଡି ଠକେଇ ମାମଲାରେ କୋରାପୁଟ ଜିଲା ଦାମନଯୋଡି ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ନୃସିଂହ ଚରଣ ବେହେରା। ନୃସିଂହ ନିଜର ଏକ ବଡ଼ ବ୍ୟବସାୟିକ ସଂସ୍ଥା ଥିବା କହି ସ୍ଥାନୀୟ ସେମିଳିଗୁଡା ଏବଂ ଦାମନଯୋଡି ଅଞ୍ଚଳରୁ ମାସିକ ଭଡା ସୂତ୍ରରେ ବିଭିନ୍ନ ମାଲିକଙ୍କଠାରୁ ଚାରିଚକିଆ ଗାଡ଼ି ଆଣିଥିଲେ। ଉକ୍ତ ଗାଡିଗୁଡିକ ଦୀର୍ଘଦିନ ଧରି ଚାଲୁ ରହିବ ଓ ଭଡା ବାବଦରେ ମାସିକ ୨୫ ରୁ ୩୦ହଜାର ଟଙ୍କା ଦେବା ପାଇଁ ମାଲିକମାନଙ୍କ ସହ ଚୁକ୍ତି ମଧ୍ୟ କରିଥିଲେ। କିନ୍ତୁ ଉକ୍ତ ଗାଡିଗୁଡିକ ଅନ୍ୟତ୍ର ବନ୍ଧକ ରଖି ମୋଟା ଅଙ୍କର ରୋଜଗାର କରୁଥିଲେ। ଗାଡି ମାଲିକମାନଙ୍କୁ ଦୁଇ ତିନି ମାସର ଚୁକ୍ତିଭିତ୍ତିକ ଭଡା ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ଗାଡି ମାଲିକମାନଙ୍କୁ ଭଡା ଦେଇ ନ ଥିଲେ କିମ୍ବା ଫୋନ ମଧ୍ୟ ଉଠାଉ ନ ଥିଲେ। ଯାହାଦ୍ୱାରା ମାଲିକମାନଙ୍କ ମଧ୍ୟରେ ସନ୍ଦେହ ହେବାରୁ ସେମାନେ ଦାମନଯୋଡି ଥାନାରେ ଅଭିଯୋଗ କରିଥିଲେ। ଦାମନଯୋଡି ପୋଲିସ ଜିପିଏସ୍ ମାଧ୍ୟମରେ ଗାଡିର ସ୍ଥିତି ସମ୍ପର୍କରେ ଜାଣିବା ପରେ ଗାଡିଗୁଡ଼ିକ ସ୍ଥାନୀୟ ଅଞ୍ଚଳରେ ବନ୍ଧକ ଥିବା ଜଣାପଡିଥିଲା। ପୋଲିସ ଉକ୍ତ ଗାଡିଗୁଡିକୁ ଜବତ କରିବା ସହ ବନ୍ଧକ ରଖିଥିବା ବ୍ୟକ୍ତିଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଏହି ଠକେଇରେ ମୁଖ୍ୟ ଅଭିଯୁକ୍ତ ନୃସିଂହ ଜଣାପଡିଥିଲା। ନୃସିଂହ ଫେରାର ଥିଲା ବେଳେ ପୋଲିସ ତାଙ୍କୁ ସେମିଳିଗୁଡା ଅଞ୍ଚଳରୁ ଗିରଫକରି ଦାମନଯୋଡି ଥାନା କେସ୍ ନଂ ୯୪/୨୪ରେ ଏକ ମାମଲା ରୁଜୁକରି ନୃସିଂହଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରମିଳା ବିଡିକା କହିଛନ୍ତି । ଉକ୍ତ ଗାଡ଼ିଗୁଡିକୁ ମାଲିକମାନଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ନୃସିଂହଙ୍କ ନିଜ ଘର ଗଞ୍ଜାମ ଜିଲା ଭଞ୍ଜନଗର ନିକଟ ଇଙ୍ଗନାଥ ଅଞ୍ଚଳରେ ହୋଇଥିବା ବେଳେ ସେ ସ୍ଥାନୀୟ ମାଥାଲପୁଟ ଅଞ୍ଚଳରେ ଏକ ଘର ଭଡା ନେଇ ରହୁଥିଲେ।



ଗିରଫ ନୃସିଂହ ଚରଣ ବେହେରା ଓ ଜବତ ଗାଡି ।

## ୨୫୪ ହିତାଧିକାରୀ ପାଇଲେ ଜଙ୍ଗଲ ଜମିପଟ୍ଟା



ଜଣେ ହିତାଧିକାରୀଙ୍କୁ ପଟ୍ଟା ଦିଆଯାଉଛି।

**ବୈପାରୀଗୁଡ଼ା, ୨୭।୮(କଳ୍ପତରୁ ମହାନ୍ତି)**

କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ରାମଗିରିରେ ଜୟପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି। ଏଠାରେ ରାମଗିରି, ଦଣ୍ଡାବାଡ଼ି, ଚିପାକୁର ଓ ହଳଦୀକୁଣ୍ଡ ପଞ୍ଚାୟତର ୨୫୪ ହିତାଧିକାରୀଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯାଇଛି। କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି, ଜୟପୁର ଉପଜିଲାପାଳ ପ୍ରଭାତ ପରିଡ଼ା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଜୟପୁର ଡିଏଫ୍ଓ ପ୍ରତାପ କୁମାର ବେହେରା, ତହସିଲଦାର ସ୍ନିଗ୍ଧାରାଣୀ ଚୌଧୁରୀ, ସ୍ଥାନୀୟ ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ନେପାକ, ମଙ୍ଗଳ ଅଧିକାରୀ ରାମେଶ୍ୱର ନାୟକ, ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତେ, ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଜିଲାପରିଷଦ ସଭ୍ୟ ରାଜେଶ ମହୁରିଆ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆଇଟିଡିଏ ଜିଲା ନୋଡାଲ ଅଧିକାରୀ ପ୍ରୀତିଧାରା ମହାନ୍ତି ପରିଚାଳନା କରିଥିଲେ।

## ଜାପାନୀ ଭାଷା ଦକ୍ଷତା ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ଉତ୍କର୍ଷ ପ୍ରଦର୍ଶନ

**ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ**

**କୋରାପୁଟ,୨୭।୮(ଅମିତାଭ ବେହେରା)**

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୬ ଜଣ ଛାତ୍ରୀଛାତ୍ର ଜାପାନୀ ଭାଷା ଦକ୍ଷତା ପରୀକ୍ଷା (ଜେଏଲ୍ପିଟି)ର ଏନ୍-୫ ସ୍ତରରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି, ଯାହା ଭାଷାଗତ ଉତ୍କର୍ଷ ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ଦର୍ଶାଉଛି। ସଫଳ ଛାତ୍ରୀଛାତ୍ର ହେଲେ କୃଷି ବିଭାଗର ରତୁପର୍ଣ୍ଣା ବାଲା ଓ ଅଭୀପ୍ସା ପାତ୍ର ଏବଂ ଗଣିତ ବିଭାଗର ପ୍ରିତ୍ୟମ କୁମାର ଧଳ, ସ୍ମୃତି ମହିମା ଖୋରା, ଶୁଭମ ଦାଶ ଓ ଜଗଦୀଶ ସାହୁ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛନ୍ତି ।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୩ ଅକ୍ଟୋବର ପହିଲାରୁ ୨୦୨୪ ଅକ୍ଟୋବର ପହିଲା ପର୍ଯ୍ୟନ୍ତ ୧ ବର୍ଷିଆ ଜାପାନୀ ଭାଷା ସାର୍ଟିଫିକେଟ ପାଠ୍ୟକ୍ରମ (ଜେଏଲ୍ସିସି) ପ୍ରଦାନ କରାଯାଉଛି। ଏନ୍-୫ ସ୍ତରୀୟ ପରୀକ୍ଷା ଦେଇଥିବା ୧୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬ ଜଣ ପାସ୍ ମାର୍କ ହାସଲକରି ଜେଏଲ୍ସିସି କାର୍ଯ୍ୟକ୍ରମର ଫଳପ୍ରଦତା ଦର୍ଶାଇଛନ୍ତି। ଯଥାକ୍ରମେ ୧୨୦ ଓ ୧୧୨ ସ୍କୋର କରି ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସ୍ମୃତି ମହିମା ଖୋରା ଓ ଅଭୀପ୍ସା ପାତ୍ରଙ୍କୁ ବିଶେଷ ପ୍ରଶଂସା କରାଯାଇଛି। ଏହି ସଫଳତା ପାଠ୍ୟକ୍ରମ ସଂଯୋଜକ ଡ. ନିର୍ଝରିଣୀ ତ୍ରିପାଠୀ (ଇଂଲିଶ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ), ପ୍ରଫେସର ନବୀନ ପଣ୍ଡା, ଅଧ୍ୟାପିକା ବିଥିକା ଦାସ ଓ ସମସ୍ତ ଜେଏଲ୍ସିସି ଛାତ୍ରୀଛାତ୍ରଙ୍କ ନିଷ୍ଠା ଓ ସହଯୋଗକୁ ପ୍ରଶଂସା କରାଯାଇଛି । ଏହି ସଫଳତା ବିଶ୍ୱସ୍ତରୀୟ ଭାଷାକୁ ପ୍ରୋତ୍ସାହିତ କରିବା ଏବଂ ଏହାର ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଅଭିଜ୍ଞତାକୁ ସମୃଦ୍ଧ କରିବା ପାଇଁ ବିଶ୍ୱବିଦ୍ୟାଳୟର ଜାରି ରହିଥିବା ପ୍ରୟାସକୁ ପ୍ରତିଫଳିତ କରିଛି ବୋଲି ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି ।



ସଫଳତା ହାସଲ କରିଥିବା ଛାତ୍ରୀଛାତ୍ର।

## ଓଏସ୍ଏପି ହାବିଲ୍‌ଦାର ମେଜରଙ୍କ ନାମରେ ମାମଲା

**ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ**

**ଜୟପୁର, ୨୭।୮ (ପବନ ପାଣିଗ୍ରାହୀ)**

ସ୍ତ୍ରୀଙ୍କୁ ନିଯ୍ୟାତନା ଅଭିଯୋଗରେ ଓଏସ୍ଏପି ହାବିଲଦାର ମେଜରଙ୍କ ନାମରେ ଜୟପୁର ମହିଳା ପୋଲିସ ମାମଲା ରୁଜୁ କରିଛି। ଜୟପୁର ସଦର ଥାନା ଅଧୀନ ରଣ୍ଡାପାଲ୍ଲୀର ତିଲୋତ୍ତମା ହରିଜନ ୧୦ ବର୍ଷ ତଳେ ମନୋଜ କୁମାର କନ୍ଦପାନଙ୍କୁ ବିବାହ କରିଥିଲେ। ଏବେ ସେ ତିଳୋତମାଙ୍କୁ ନିଯ୍ୟାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। ପୋଲିସ ୧୫୦/୨୪ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ମହିଳା ଥାନାଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ କୋରାପୁଟରେ ଓଏସ୍ଏପିରେ କାଯ୍ୟ କରୁଥିବା ପୋଲିସ କହିଛି।

## ତୁରନ୍ତ ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ

**୮୫ ଅଭିଯୋଗ ଶୁଣିଲେ ଜିଲାପାଳ**

**ସମିଲିଗଡ଼ା/ସୁନାବେଡ଼ା,୨୭।୮ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)**

କୋରାପୁଟ ଜିଲା ସେମିଳିଗଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଏକ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭି. କୀର୍ତ୍ତିଭାସନ ଅଧ୍ୟକ୍ଷତା କରିଥିଲେ। ଶିବିରରେ ପ୍ରଶାସନ ତରଫରୁ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ବ୍ଲକରେ କାର୍ଯ୍ୟରତ ସହଯୋଗୀ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ ଓ ଉପାଧ୍ୟକ୍ଷ ଶିବା ବାଙ୍ଗାରିଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ, ଶିକ୍ଷା,ଗମନାଗମନ, ପାନୀୟ ଜଳ ଓ ଭତ୍ତା ବଣ୍ଟନ ଆଦି ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ବଳିତ ପ୍ରାୟ ୮୫ ଅଭିଯୋଗର ଶୁଣାଣି ହୋଇଥିଲା। ସମସ୍ତ ସମସ୍ୟା ସମ୍ବଳିତ ଅଭିଯୋଗଗୁଡିକର ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଶେଷରେ ଜିଲାପାଳ କେତେଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି ଶିବିରରେ ଅତିରିକ୍ତ ଜିଲାପାଳ, ଉପଜିଲାପାଳଙ୍କ ସମେତ ଏସ୍ପି ଅଭିନବ ସୋନକର, ସେମିଳିଗୁଡା ବିଡିଓ ଏବଂ ଜିଲା ଓ ବ୍ଲକ୍ ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ଜିଲାପାଳ ଭି. କୀର୍ତ୍ତିଭାସନ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

## ଫେରାର ଅଭିଯୁକ୍ତ ଗିରଫ

**ଜୟପୁର ୨୭।୮(ପବନ ପାଣିଗ୍ରାହୀ)**

ଜଣେ ଫେରାର ଅଭିଯୁକ୍ତଙ୍କୁ ମଙ୍ଗଳବାର ଜୟପୁର ସଦର ପୋଲିସ ଗିରଫ କରିଛି ସେ ହେଲେ ବଡମଣ୍ଡାପଦର ଗ୍ରାମର ସୋମନାଥ ଗାଦବା। ଜୟପୁର ସଦର ଥାନାରେ ତାଙ୍କ ନାମରେ ଅନେକ ଅପରାଧିକ ମାମଲା ରହିଥିଲା। ସେ ଅନେକ ଦିନ ଧରି ଫେରାର ଥିଲେ। ମଙ୍ଗଳବାର ତାଙ୍କୁ ଗିରଫ କରାଯାଇଥିବା ନେଇ ଜୟପୁର ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

## ସ୍ୱରାଜ ସଙ୍ଗମ ସର୍ବୋଦୟ ଶିବିର ଉଦ୍‌ଘାଟିତ

**କୋରାପୁଟ,୨୭।୮(ଅମିତାଭ ବେହେରା)**



କୋରାପୁଟ ଆଦିବାସୀ ସଂଗ୍ରହାଳୟରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ୨ ଦିନିଆ ସ୍ୱରାଜ ସଙ୍ଗମ ସର୍ବୋଦୟ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ସ୍ୱରାଜ ସଙ୍ଗମ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ଗ୍ରାମରେ ଲୋକଙ୍କ ସ୍ୱରାଜ ସ୍ଥାପନା କିଭଳି କରାଯିବ ସେହି ଆଭିମୁଖ୍ୟ ନେଇ ଏହା ଅନୁଷ୍ଠିତ ହୋଇଛି। ଭାରତ ସ୍ୱାଧୀନତା ସମୟରେ କଂଗ୍ରେସ ଓ ଆସନ୍ତା ଦିନରେ ଏହାର ଭୂମିକା ଉପରେ ଆଲୋଚନା, ବର୍ତ୍ତମାନ ସମ୍ବିଧାନର ସ୍ଥିତି ରାଜନୈତିକ ଚିନ୍ତାଧାରା ଉପରେ କୋରାପୁଟ ସହ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା କଂଗ୍ରେସ କର୍ମକର୍ତ୍ତା ଓ ସାମାଜିକକର୍ମୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ସଂଗଠନ ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ତୃଣମୂଳସ୍ତରରେ କଂଗ୍ରେସକୁ କିଭଳି ଦୃଢ କରାଯିବ ସେ ନେଇ ସଂଗଠନ କାର୍ଯ୍ୟ କରୁଥିବା କହିଥିଲେ। ଅବିଭକ୍ତ କୋରାପୁଟ ଜିଲାର ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ସଂଯୋଜକ ରୁପକ ତୁରୁକଙ୍କ ଆହ୍ୱାନକ୍ରମେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତା କୁନାଲ ବାନାର୍ଜୀ. ନିମାଇଁ ସରକାର, ଝାଡଖଣ୍ଡର ରଞ୍ଜନ ଗୋଗୋଇ, ଦୁର୍ଗା ସାହ, ହସନ ମଦାନୀ, ଅଜିତ ସନ୍ତ୍ରା, ଜଗଦୀଶ ଖସଲା, ମନୋଜ ଆଚାର୍ଯ୍ୟ. କୃଷ୍ଣ କୁଲଦୀପ, ସରୋଜ ବାଗ, ମୋକର ଗୋଲରୀ, ମହେଶ ଚେଟୀ, ରାଜକୁମାରୀ ସାରା, ପ୍ରଦ୍ୟୁମ୍ନ ଦାସ, ପ୍ରତାପ ପ୍ରଧାନ, ସୁବାସ ନାୟକ, ଅନାମ ଦିଆନ, ଦିଲୀପ ପ୍ରଧାନୀ, ଯଦୁ ମୁଦିଲିଙ୍କ ପ୍ରମୁଖଙ୍କୁ ତାଲିମ ପ୍ରଦାନ କରାଯିବ ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**ଜୟପୁର, ୨୭।୮(ପବନ ପାଣିଗ୍ରାହୀ)**

ଜୟପୁର ବ୍ଲକ ଅଧୀନ ଜାମୁଣ୍ଡାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍. ନିଶା, ସହକାରୀ ଯନ୍ତ୍ରୀ ରଞ୍ଜିତା ରାଣୀ ପଣ୍ଡା, ଜିଆର୍ଏସ୍ ସ୍ୱାଗତ ସାହୁ, ସରପଞ୍ଚ ମନଧର ଗାଦବା, ସିଡିପିଓ ସୁଚିକା ପଣ୍ଡା, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍, ହର୍ଟିକଲ୍‌ଚର, କୃଷି ବିଭାଗ, ଯୋଗାଣ ସହାୟକଙ୍କ ସହ ଅନ୍ୟ ବିଭାଗର ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀ ନୂତନ ରାସ୍ତା, ରାସ୍ତା ମରାମତି, ଷ୍ଟ୍ରିଟ ଲାଇଟ, ପାନୀୟ ଜଳ ଯୋଗାଣ ଆଦି ଉପରେ ଅଧିକାରୀମାନଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ସହ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ, ସେ ନେଇ ଅଧିକାରୀମାନେ ସଚେତନ କରିଥିଲେ। ରାବଣାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି।



ଅଭିଯୋଗ ଶୁଣାଣି ଶିବିରରେ ଅଧିକାରୀମାନେ।

## ବିଦ୍ୟୁତ୍, ନେଟ୍‌ୱର୍କକୁ ନେଇ ଉଦ୍‌ବେଗ

**ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି**

**ପଟ୍ଟାଙ୍ଗି, ୨୭।୮(ଶରତ ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ ମାଳିପୁଟ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ମିଳିତ ଅଭିଯୋଗ ଶୁଣାଣି ହୋଇଥିଲା। ଏଥିରେ ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ଓ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତ ଲୋକଙ୍କ ପାଖରୁ ଆସିଥିବା ୪୦ ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ପଞ୍ଚାୟତର ଅଧିକାଂଶ ଗ୍ରାମରେ ବିଦ୍ୟୁତ୍ ସେବା ଏବଂ ନେଟ୍‌ୱର୍କ ସମସ୍ୟା ସମ୍ପର୍କରେ ଅଭିଯୋଗ ଉଠିଥିଲା। ଏହାକୁ ନେଇ ଅଭିଯୋଗ ଶୁଣାଣିରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଉକ୍ତ ପଞ୍ଚାୟତ ଅଞ୍ଚଳରେ ଥିବା ଗ୍ରାମଗୁଡିକରେ ଅନେକ ସମୟ ଧରି ବିଦ୍ୟୁତ୍ ରହୁ ନ ଥିବା ବେଳେ ରାତିରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ବର୍ତ୍ତମାନ ସମସ୍ତ କାର୍ଯ୍ୟକ୍ରମ ଅନ୍‌ଲାଇନ ମାଧ୍ୟମରେ ହେଉଥିବା ବେଳେ ନେଟ୍‌ୱର୍କ ସମସ୍ୟାରୁ ଏଗୁଡିକ ହୋଇ ନ ପାରି ମାସ ମାସ ଧରି ପଡିରହୁଛି। ଫଳରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ମାଳିପୁଟ ପଞ୍ଚାୟତ ଜାତୀୟ ରାଜପଥ କଡରେ ରହିଥିଲେ ମଧ୍ୟ ସଦର ଗ୍ରାମରେ ଯଦି ମୋବାଇଲ ନେଟ୍‌ୱର୍କ ରହୁନାହିଁ ତେବେ ପଞ୍ଚାୟତର ଅନ୍ୟ ଗ୍ରାମଗୁଡିକରେ କେତେ ଅସୁବିଧା ହେଉଥିବ ଏହା ଗ୍ରାମବାସୀ ଜାଣିଛନ୍ତି। ଏ ନେଇ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଜିଲା ପ୍ରଶାସନ ନିକଟରେ ସୂଚନା ଥିଲେ ମଧ୍ୟ କୌଣସି ସମାଧାନ ହେଉ ନାହିଁ ବୋଲି ଅଭିଯୋଗ କରିଥିଲେ।

ବିଡିଓ ପଟ୍ଟନାୟକ ଉକ୍ତ ସମସ୍ୟାକୁ ଗୁରୁତର ସହ ଗ୍ରହଣକରି ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣକରି ତୁରନ୍ତ ସମାଧାନ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବ୍ଲକ୍‌ସ୍ତରରେ କାର୍ଯ୍ୟ କରୁଥିବା ସମସ୍ତ ସରକାରୀ ବିଭାଗ ପଦାଧିକାରୀ ଉପସ୍ଥିତ ରହି ନିଜ ନିଜ ବିଭାଗ ସମ୍ପର୍କରେ ଆସିଥିବା ଅଭିଯୋଗକୁ କିପରି ତୁରନ୍ତ କାର୍ଯ୍ୟକାରୀ କରିହେବ ସେ ନେଇ ବିଡିଓ ପଟ୍ଟନାୟକ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଦୃଷ୍ଟିଦେବାକୁ ପରାମର୍ଶ ଦେଇଥିଲେ।

ଅନ୍ୟପକ୍ଷରେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସରପଞ୍ଚ ସୋମନାଥ ଗୁଣ୍ଟା ଓ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ପଞ୍ଚାୟତରେ କାର୍ଯ୍ୟରତ ସରକାରୀ କର୍ମଚାରୀ,ପଦାଧିକାରୀ ପଞ୍ଚାୟତର ସମସ୍ତ ଗ୍ରାମରେ ସରକାରୀ କାର୍ଯ୍ୟକ୍ରମ ଯେପରି ତ୍ୱରାନ୍ୱିତ ହେବ ଏବଂ ଗ୍ରାମବାସୀ କିପରି ଉପକୃତ ହୋଇପାରିବେ ସେଥିପ୍ରତି ଦୃଷ୍ଟିଦେବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ବାହାରେ ଏକ ଛୋଟିଆ ଷ୍ଟଲ୍ ଖୋଲାଯାଇ ଆସ ଆମେ ଖୋଜିବା କାର୍ଯ୍ୟକ୍ରମ ମାଧ୍ୟମରେ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଲୋକମାନେ ନିଜ ନିଜ ସମସ୍ୟା ଲିଖିତ ଆକାରରେ ଉକ୍ତ ଷ୍ଟଲ୍‌ରେ ନିୟୋଜିତ କର୍ମଚାରୀଙ୍କ ନିକଟରେ ପଞ୍ଜୀକରଣ କରିଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିପିଓ ତଥା ପିଇଓ ଦିବାକର ପୁରୋହିତ, ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ତରୁଣ କୁମାର ନାୟକ ଓ ପିଇଓ ଚିନ୍ମୟୀ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।




ବିଡିଓ, ତହସିଲଦାର ଓ ଅନ୍ୟମାନେ ଅଭିଯୋଗ ଶୁଣୁଛନ୍ତି ।

# ବର୍ଷେ ହେଲା କାମ ଶେଷ, ହୋଇପାରୁନି ଉଦ୍‌ଘାଟନ

ନବରଙ୍ଗପୁର,୨୭।୮ (ସଦାଶିବ ପ୍ରହରାଜ)



**ଅର୍ବାନ ହସ୍ପିଟାଲ**
- ସହକାରୀ ଯନ୍ତ୍ରୀ ଗୁରୁତ୍ୱ ଦେଉ ନ ଥିବାରୁ ଉଦ୍‌ଘାଟନ ବିଳମ୍ବ ଅଭିଯୋଗ
- ଛାଡ଼ିଗଲାଣି ନୂଆ କୋଠାର ରଙ୍ଗ

ନବରଙ୍ଗପୁର ସହର ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅର୍ବାନ ମେଡିକାଲ ତିଆରି ହୋଇଛି। ନିର୍ମାଣ କାମ ବର୍ଷେ ହେବ ସରିଯାଇଥିଲେ ମଧ୍ୟ ତାହାର ଉଦ୍‌ଘାଟନ ହୋଇପାରିଲା ନାହିଁ। ନୂତନଭାବେ ତିଆରି ହୋଇଥିବା ଅର୍ବାନ ମେଡିକାଲ ଏବେ ବୁଲା ଗୋରୁଙ୍କ ଆଡ୍ଡାସ୍ଥଳ ପାଲଟିଛି । ନୂଆ କୋଠାର ରଙ୍ଗ ମଧ୍ୟ ଛାଡ଼ିଗଲାଣି। ଚାରିଆଡ଼େ କେବଳ ଗୋବର ଓ ଆବର୍ଜନା ଭରି ହୋଇ ରହିଛି। ସହରବାସୀଙ୍କୁ ସରକାରଙ୍କ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ଯେଉଁ ଲକ୍ଷ୍ୟଧାର୍ଯ୍ୟ କରି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚକଲେ ତାହାର ଗରିମା ଉଭେଇଯାଇଛି।

ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ରହିବେ ଓ ସହରବାସୀ ସ୍ୱାସ୍ଥ୍ୟସେବା ପାଇବେ। ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ଅର୍ବାନ ହସ୍ପିଟାଲ ତିଆରି କରାଗଲା। ତେବେ ସହକାରୀ ଯନ୍ତ୍ରୀମାନଙ୍କ ଅବହେଳା ଲାଗି ଜିଲା ସ୍ୱାସ୍ଥ୍ୟ ବିଭାଗ ଜନସାଧାରଣ ଓ ପ୍ରଶାସନ ତଥା ଲୋକପ୍ରତିନିଧିଙ୍କ ପାଖରେ ଅପଦସ୍ଥ ହେଉଛନ୍ତି। ବିଭିନ୍ନ ବୈଠକରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀମାନେ ମଧ୍ୟ ଉତ୍ତରଦାୟୀ ହୋଇ ବିଭିନ୍ନ କଟୁ ସମାଲୋଚନାର ସମ୍ମୁଖୀନ ହେଉଛନ୍ତି। ୨୦୨୪ ଏପ୍ରିଲରେ ତତ୍କାଳୀନ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ କାଳୀପ୍ରସାଦ ବେହେରା ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ଦାସଙ୍କ ବିରୋଧରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ସହକାରୀ ଯନ୍ତ୍ରୀଙ୍କ ଯୋଗୁ ଜିଲାରେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ସଦର ମହକୁମା ଡାକ୍ତରଖାନାରେ ଉନ୍ନୟନ କାର୍ଯ୍ୟଗୁଡିକ ଠିକ୍ ଭାବେ ସମ୍ପାଦନ ହୋଇପାରୁନାହିଁ। ଅନୁମୋଦନ ନ ଥାଇ ସହକାରୀ ଯନ୍ତ୍ରୀ କାମ କରୁଛନ୍ତି। ଅର୍ବାନ ମେଡିକାଲ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ତାହାକୁ ହସ୍ତାନ୍ତର କରିବାରେ ସହକାରୀ ଯନ୍ତ୍ରୀ ଗୁରୁତ୍ୱ ଦେଲେ ନାହିଁ। ଏଥିଯୋଗୁ ବିଭିନ୍ନ ବୈଠକରେ ସମସ୍ୟା ଦେଖାଦେଉଛି। ଏନେଇ ପରଫରମାନ୍ସ ଆପ୍ରେଜାଲ ରିପୋର୍ଟ (ପିଏଆର୍ ) ଦିଆ ନ ଯାଉ ବୋଲି ଚିଠି ଲେଖିଲେ। ତେବେ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହେଉଛି। ଆବଶ୍ୟକଠାରୁ ଅଧିକ ଛୁଟିରେ ଚାଲିଯିବା ଓ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ସମୀକ୍ଷା ବୈଠକ ପରେ ତଥ୍ୟ ମାଗିଲେ ମଧ୍ୟ ଠିକ୍ ତଥ୍ୟ ସହକାରୀ ଯନ୍ତ୍ରୀ ଦେଇ ନ ଥିବା ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଏନେଇ ଏବେ ଜିଲା ସ୍ୱାସ୍ଥ୍ୟ ବିଭାଗ ଜାତୀୟ ସ୍ୱାସ୍ଥ୍ୟ ମିଶନର ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଅଭିଯୋଗକୁ ନେଇ କେତୋଟି ଘଟଣା ଉପରେ ତଦନ୍ତ କରାଯିବ ତାହା ଅଡୁଆ ଭିତରେ ପଡିଛି। ସହକାରୀ ଯନ୍ତ୍ରୀଙ୍କୁ ନେଇ ଅଭିଯୋଗ ପରେ ଅଭିଯୋଗ ହେଉଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ତଦନ୍ତ କରୁ ନ ଥିବାରୁ ଏହାର ଭିଜିଲାନ୍ସ ତଦନ୍ତ ଏକମାତ୍ର ବାଟ ବୋଲି ବୁଦ୍ଧିଜୀବୀ କହୁଛନ୍ତି। ଏନେଇ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ଦାସଙ୍କୁ ପଚାରିବାରୁ ଇଲେକ୍ଟ୍ରିଫିକେଶନ ହୋଇ ନ ଥିବାରୁ ଅର୍ବାନ ହସ୍ପିଟାଲ ଉଦ୍‌ଘାଟନ ବିଳମ୍ବ ହୋଇଛି। ଏବେ କାମ ସରିଛି। ନୂତନ ସରକାର ଏହି ତଥ୍ୟ ନେଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ଆସିଲେ ହସ୍ପିଟାଲ ଉଦ୍‌ଘାଟନ କରାଯିବ ବୋଲି ସେ କହିଛନ୍ତି। ବିଧାୟକଙ୍କୁ ଠିକ୍ ତଥ୍ୟ ଦେବା ସମ୍ପର୍କରେ ପଚାରିବାରୁ ତାଙ୍କ ସହ ଭେଟିଥିଲି। ବିଧାୟକଙ୍କୁ ଯେଉଁ ତଥ୍ୟ ଦରକାର ସବୁ ଦିଆଯାଇଛି ବୋଲି ସେ କହିଛନ୍ତି। ତେବେ ଆବଶ୍ୟକତାଠାରୁ ଅଧିକ ଦିନ ଛୁଟିରେ ଯାଇଥିବା ଅଭିଯୋଗ ସମ୍ପର୍କରେ ପଚାରିବାରୁ ସେ ନୀରବ ରହିଥିଲେ।

# ଘାଟଗୁଡ଼ା ୟୁଜି ହାଇସ୍କୁଲ ପ୍ରଧାନଶିକ୍ଷକ ନିଲମ୍ବିତ



OFFICE OF THE BLOCK EDUCATION OFFICER; PAPADAHANDI

OFFICE ORDER

PAPADAHANDI DATED THE 27TH AUGUST 2024.

No. 1223 /24 WHEREAS a case against Sri Goura Chandra Nayak, Level-IV Headmaster, Govt. U.G. High School, Ghataguda under Papadahandi Education Block is contemplated on dereliction of legitimate duty and misappropriation of Govt. money under Mid Day Meal (PM Poshan) fund so received by DPMU Nabarangpur during the surprise visit of District Education Officer, Nabarangpur and the undersigned on 27th August 2024.

Now, Therefore in exercise of power conferred by clause(A) of Sub-Rule 15 of the Odisha Civil Service (Classification, Control and Appeal) Rules-1962 is hereby placed under suspension with immediate effect.

It is further ordered that, during the period that this Order shall remain in force, the Headquarters of Sri Goura Chandra Nayak shall be the Block Education Office, Papadahandi and that Sri Nayak should not leave the Headquarters without obtaining permission of the undersigned.

He is entitled for the payment of Subsistence Allowances in accordance with Rule-90 of Odisha Service Code.

Block Education Officer
Papadahandi

ନବରଙ୍ଗପୁର,୨୭।୮ (ସଦାଶିବ ପ୍ରହରାଜ)

- ମଧ୍ୟାହ୍ନ ଭୋଜନରେ ଅନିୟମିତତା ଅଭିଯୋଗ
- ସ୍କୁଲରେ ୬୫ ପିଲା ଉପସ୍ଥିତ ଥିବାବେଳେ ୧୪୮ ଜଣଙ୍କ ରିପୋର୍ଟ

ମଧ୍ୟାହ୍ନ ଭୋଜନରେ ଅନିୟମିତତା ଅଭିଯୋଗରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଘାଟଗୁଡା ୟୁଜି ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରଚନ୍ଦ୍ର ନାୟକଙ୍କୁ ନିଲମ୍ବିତ କରାଯାଇଛି। ପାପଡ଼ାହାଣ୍ଡି ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ. ୧୨୨୩/୨୪ ଆଧାରରେ ତାଙ୍କୁ ନିଲମ୍ବନ କରାଯାଇଛି। ଏହି ସମୟରେ ସେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ହେବେ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି।

ଡିଇଓ ଛତ୍ରପତି ସାହୁ, ପାପଡ଼ାହାଣ୍ଡି ବ୍ଲକ ଶିକ୍ଷାଧିକାରୀ ସୌମେନ୍ଦ୍ର ଭୌମିକ ଘାଟଗୁଡା ୟୁଜି ହାଇସ୍କୁଲକୁ ମଙ୍ଗଳବାର ଗସ୍ତ କରିଥିଲେ। ଏହି ସମୟରେ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୬୫ ପିଲା ଉପସ୍ଥିତ ଥିବାବେଳେ ୧୪୮ ଜଣ ପିଲା ମଧ୍ୟାହ୍ନଭୋଜନ ଖାଇବା ନେଇ ରିପୋର୍ଟ କରାଯାଇଥିଲା। ଏହାକୁ ଦେଖି ଡିଇଓ ବିଗିଡ଼ିଥିଲେ। ଏଥିସହ ପିଲାଙ୍କୁ ଠିକ୍‌ଭାବେ ପଢ଼ାଯାଉ ନ ଥିବା ଦେଖି ବିରକ୍ତି ପ୍ରକାଶ କରିବା ସହ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରଚନ୍ଦ୍ର ନାୟକଙ୍କୁ ନିଲମ୍ବନ କରିବାକୁ ଡିଇଓ ପାପଡ଼ାହାଣ୍ଡି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### ପାଣିକୁଣ୍ଡରେ ବୁଡ଼ି ଶିଶୁ ମୃତ

ପାପଡ଼ାହାଣ୍ଡି, ୨୭।୮ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ଉସିଗାଁ ଜାନିଗୁଡ଼ା ଗାଁରେ ମଙ୍ଗଳବାର ଜଣେ ଶିଶୁଙ୍କର ବିଲରେ ଥିବା ପାଣିକୁଣ୍ଡରେ ପଡ଼ି ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ଦିନେଶ ଯାନୀ।(୪)। ସୂଚନାନୁଯାୟୀ, ଦିନେଶଙ୍କ ବାପା ଦାଦନ ଖଟିବାକୁ ୩ ଦିନ ହେବ ପାରଳାଖେମୁଣ୍ଡି ଯାଇଛନ୍ତି। ତେଣୁ ତାଙ୍କ ମା’ ଦିନେଶଙ୍କୁ ଧରି ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ସମ୍ପର୍କୀୟଙ୍କ ଘର ପଛପଟ ଜମି ଭିତରେ ଥିବା ପାଣିକୁଣ୍ଡକୁ ଯାଇ ଦିନେଶ ଅଚାନକ ବୁଡ଼ିଯାଇଥିଲେ। ଏହା ଦେଖି ସମସ୍ତେ ତାଙ୍କୁ ଉଦ୍ଧାରକରି ଏକ ଅଟୋ ସାହାଯ୍ୟରେ ପ୍ରଥମେ ମଇଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଦିନେଶଙ୍କୁ ମୃତ ଘୋଷଣା କରିଥିଲେ।

### ଅଭିଯୁକ୍ତଙ୍କୁ ୨ ବର୍ଷ ଜେଲ୍, ୬ ହଜାର ଜରିମାନା

-ଡାକ୍ତରଙ୍କୁ ଦୁର୍ବ୍ୟବହାର ଘଟଣା

ରାଇଘର, ୨୭।୮ (କିରଣ ପଟ୍ଟନାୟକ)

ଡାକ୍ତରଙ୍କୁ ଗାଳି କରିବା ସହ ହାତ ଉଠାଇବା ଅଭିଯୋଗରେ ନବରଙ୍ଗପୁର ଜିଲା ରାଇଘର ଜେଏମ୍ଏଫ୍‌ସି କୋର୍ଟ ଅଭିଯୁକ୍ତଙ୍କୁ ୬ ହଜାର ଜରିମାନା ସହ ୨ ବର୍ଷ ୨ମାସ ଜେଲ ଆଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ କୁସୁମପୁରର ବିଷ୍ଣୁ ହାଲଦାର। ୪ ଏପ୍ରିଲ ୨୦୧୫ରେ ରାଇଘର ଥାନାରେ ହୋଇଥିବା ଅଭିଯୋଗ କ୍ରମେ ଅଭିଯୁକ୍ତ ବିଷ୍ଣୁ ଜଣେ ରୋଗୀଙ୍କୁ ଜୋଡ଼ିଙ୍ଗା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ଚିକିତ୍ସାରେ ବିଳମ୍ବ ହେବାରୁ ସେ ଡାକ୍ତରଙ୍କୁ ଗାଳି କରିବା ସହ ହାତ ଉଠାଇ ଥିଲେ। ଡାକ୍ତର ରାଇଘର ଥାନାକୁ ଏ ନେଇ ଖବର ଦେଇଥିଲେ। ରାଇଘର ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ବିଷ୍ଣୁଙ୍କୁ ଗିରଫ କରି କୋର୍ଟ ଚଲାଣ କରିଥିଲେ। ଏହି ମାମଲାରେ ୫ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରି ରାଇଘର ଜେଏମ୍ଏଫ୍‌ସି ପ୍ରତ୍ୟୁଷ କୁମାର ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ମନୋଜ କୁମାର ମହାପାତ୍ର ପରିଚାଳନା କରିଥିଲେ।

# ପୋଲିସକୁ ନ ଡରି ସମସ୍ୟା ଜଣାଇବାକୁ ପରାମର୍ଶ





ପୋଲିସ ଅଧିକାରୀମାନେ ଜଣେ ବରିଷ୍ଠ ନାଗରିକଙ୍କୁ ପ୍ରମାଣପତ୍ର ଦେଉଛନ୍ତି।

ଡାବୁଗାଁ, ୨୭।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପରିସରରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ଏସ୍‌ଡିପିଓ ମଧୁସ୍ମିତା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୋଲିସକୁ ନ ଡରି ନିଜ ଅସୁବିଧା ସମ୍ପର୍କରେ ପ୍ରକାଶ କରିବାକୁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ପୋଲିସ ଓ ଜନସାଧାରଣଙ୍କ ସମ୍ପର୍କ ନିବିଡ଼ ହେଲେ ନ୍ୟାୟ ମିଳିବାରେ ଅସୁବିଧା ହେବ ନାହିଁ ବୋଲି ସେ କହିଥିଲେ। ଏଣୁ ପୋଲିସ ସହ ସୁସମ୍ପର୍କ ରହିବା ନିହାତି ଜରୁରୀ। ସାଇବର ଠକେଇ, ବାଲ୍ୟବିବାହ, ଜମିଜମା ବିବାଦ କିପରି ସମାଧାନ ହେବ ସେଥିରେ ଲୋକଙ୍କ ସହଯୋଗ କିପରି ରହିବ ସେ ନେଇ ଆଲୋଚନା କରିଥିଲେ। ପୋଲିସକୁ ଆମେ ଭୟ ନ କରି ବନ୍ଧୁ ହିସାବରେ ସମସ୍ୟା ଜଣାଇବା ଜରୁରୀ ବୋଲି ବରିଷ୍ଠ ନାଗରିକ ସଂଘ ସଭାପତି ନିତ୍ୟାନନ୍ଦ ମହାନ୍ତି କହିଛନ୍ତି। ବିଭିନ୍ନ ଆଇନ, କିଓସ୍କ ବ୍ୟାଙ୍କରେ ଅନିୟମିତତା ଯୋଗୁ ହିତାଧିକାରୀ ଟଙ୍କା ନ ପାଇବା, ଡାବୁଗାଁରେ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଛାଟିଆ ସ୍ଥାନ ଥିବାରୁ ସେଠାରେ ପୋଲିସର ବିଟ୍ ହାଉସ୍ ଖୋଲିବାକୁ ଆଇନଜୀବୀ ଦିବାନ ସିଂ ଦାବି କରିଥିଲେ। ବରିଷ୍ଠ ନାଗରିକ ରଞ୍ଜିତା ଜୟସିଂ, ଲକ୍ଷ୍ମୀଦେବୀ ଷଡ଼ଙ୍ଗୀ, ରାମଚନ୍ଦ୍ର ବାରିକ, ହରେନ୍ଦ୍ର ନାଥ ଅଧିକାରୀ, କୁମୁଦ ରଞ୍ଜନ ଜେନା, ଆସ୍ମତି ମାଝୀ, ଧନପତି ମାଝୀ, ଶ୍ରୀରାମ ବୈରାଗୀ, ଏମ୍. ଆପ୍ପା ରାଓ, ଜି. ପ୍ରକାଶ ରାଓ, ଟି. ମୁରଲୀ, ସୁରେଶ ସିଂ, ରମେଶ ଚନ୍ଦ୍ର ପାତ୍ର, ଅଭିମନ୍ୟୁ ସାହୁ, ଶ୍ୟାମସୁନ୍ଦର ମହାନ୍ତି, ପରେଶ ନାଥ ଚକ୍ରବର୍ତ୍ତୀ, ଶରତ ଚନ୍ଦ୍ର ଷଡ଼ଙ୍ଗୀ, ମଳୟ ବିଷୋୟୀ, ଖବରଦାତା ରବି ନାରାୟଣ ମହାନ୍ତିଙ୍କୁ ବରିଷ୍ଠ ନାଗରିକ ପରିଚୟ ପତ୍ର ପୋଲିସ ଅଧିକାରୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡାବୁଗାଁ ଥାନାଧିକାରୀ ସୁନୀଲ କୁମାର ପ୍ରଧାନ, ସବ୍‌ଇନ୍ସପେକ୍ଟର ଚନ୍ଦନ ସାହୁ, ଏଏସ୍‌ଆଇ ଗୋପାଳକୃଷ୍ଣ ହାଲୱା ଓ ଚନ୍ଦ୍ରଶେଖର ହଜାରୀ, ଡଙ୍ଗରିଗୁଡ଼ା ସରପଞ୍ଚ ରାମ କୁମାର ଗଣ୍ଡ, ୱାର୍ଡ ସଭ୍ୟ, ୨୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ଭାଲୁ କାମୁଡ଼ାରେ ବୃଦ୍ଧ ଗୁରୁତର

ପାପଡ଼ାହାଣ୍ଡି, ୨୭।୮ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ କାଦଦୋରା ଗ୍ରାମର ମକାବାଡ଼ରେ ମଙ୍ଗଳବାର ଅପରାହ୍ନରେ ଭାଲୁ କାମୁଡ଼ାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ନର ମାଝୀ। ମକା ବାଡ଼ ଦେଖିବାବେଳେ ଏକ ମା’ ଭାଲୁ ନରଙ୍କୁ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ତାଙ୍କ କାନ୍ଧ, ହାତ ଓ ମୁହଁରେ ଆଘାତ ଲାଗିଛି। ନରଙ୍କ ଶଳୁ ପୀତାମ୍ବର ଏହା ଦେଖି ପାଟି କରି ଭାଲୁକୁ ଘଉଡ଼ାଇଥିଲେ। ଏହାପରେ ସେ ନରଙ୍କୁ ଏକ ବାଇକ୍‌ରେ ମଇଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି।

# ଲୁଟ ମାମଲାରେ ଅଭିଯୁକ୍ତ ଗିରଫ

ଜୟପୁର, ୨୭।୮ (ପବନ ପାଣିଗ୍ରାହୀ)

ଲୁଟ୍ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଜୟପୁର ଜୟପୁର ଟାଉନ ପୋଲିସ ଗିରଫ କରିଛି ସେ ହେଲେ ଗୋପବନ୍ଧୁନଗରର ଗଣେଶ ପୁଜାରୀ (୨୬)। ପୋଲିସ ସୂଚନାନୁଯାଇ ଜୟପୁର ରାୟବାବୁ ସାହିରୁ ଉମରକୋଟର ଏଲ୍. ଭାସ୍କର ପାତ୍ରଙ୍କ ନାତୁଣି ପିନ୍ଧିଥିବା ୫ ଗ୍ରାମର ସୁନା ଏକେଟ୍ ଚୋରି ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଉମରକୋଟରୁ ଏଲ୍. ଭାସ୍କରଙ୍କ ଝିଅ ଓ ନାତୁଣି ଜୟପୁର ଆସିଥିଲେ। ସେମାନେ କିଣାକିଣି କରିବା ପାଇଁ ରାୟବାବୁ ସାହିକୁ ଯାଇଥିଲେ। ଦୋକାନ ନିକଟରେ ଠିଆ ହୋଇଥିବାବେଳେ ଗଣେଶ ଏକେଟ ନେଇ ପଳାଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୋଲିସ ୨ଟି ଲକେଟ ଓ ବ୍ଲେଡ ଜବତ କରିଛି। ଗଣେଶଙ୍କ ନାମରେ ଜୟପୁର ଟାଉନ ଥାନାରେ ଚୋରି, ଲୁଟ୍, ଭଳି ୧୩ ମାମଲା ରହିଛି। ସେ କିଛିଦିନ ତଳେ ଜେଲ୍‌ରୁ ବାହାରିଥିଲେ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଭାରାପ୍ରାପ୍ତ ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ବ୍ଲକ ଅଫିସ ଘେରି ଦାବିପତ୍ର ଦେଲା ବିଜେଡି





ବିଜେଡି ନେତା ଓ କର୍ମୀମାନେ ବ୍ଲକ ଅଫିସ ଆଗରେ ପ୍ରତିବାଦ ସଭା କରୁଛନ୍ତି।

ଜୟପୁର, ୨୭।୮ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବିଜେଡି ପକ୍ଷରୁ ମଙ୍ଗଳବାର ବ୍ଲକ ଅଫିସ ଘେରାଉ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଜେଡି ନେତା ରବି ନାରାୟଣ ନନ୍ଦ ଜୟପୁର ବିଡିଓ ଶକ୍ତି ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବିଜେଡି ନେତା ଓ କର୍ମୀମାନେ ବ୍ଲକ କାଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରି ରାଜ୍ୟ ସରକାର ଉପରେ ବର୍ଷିଥିଲେ। ନିବାଚନ ସମୟରେ ଡବଲ ଇଞ୍ଜିନ ସରକାର ଆସିଲେ ଡବଲ ବିକାଶ ନାରା ଦେଇ ଭତ୍ତାଧାରୀଙ୍କ ମାସିକ ଭତ୍ତାକୁ ୩ ହଜାର ଓ ୩ ହଜାର ୫ ଶହ ଟଙ୍କାକୁ ବୃଦ୍ଧି କରିବାକୁ ପ୍ରତିଶୃତି ଦେଇଥିଲେ। କିନ୍ତୁ କେବଳ ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କ ଭତ୍ତା ୩ ହଜାର ୫ଶହ ଟଙ୍କାକୁ ବୃଦ୍ଧି କରାଯାଇଛି। ଅନ୍ୟମାନଙ୍କ ମାସିକ ଭତ୍ତା ବୃଦ୍ଧି କରାଯାଇ ନାହିଁ। ରାଜ୍ୟର ୫୭ ଲକ୍ଷ ଭତ୍ତାଧାରୀଙ୍କ ମଧ୍ୟରୁ ୫୨ ଲକ୍ଷ ଭତ୍ତାଧାରୀ ବଞ୍ଚିତ ହୋଇଛନ୍ତି। ଭାପାର ପ୍ରତିଶୃତି ପାଣିର ଗାର ବୋଲି ବିଜେଡି କହିଛି। ଏହାସହ ମନ୍ତ୍ରୀମାନଙ୍କ ମଧ୍ୟରେ ସମନ୍ୱୟ ନ ଥିବା ଭାଜପା ଅଭିଯୋଗ କରିଛି। କେତେବେଳେ ଛାତ୍ର ସଂସଦ ନିର୍ବାଚନ ହେବ ବୋଲି କହୁଥିବାବେଳେ ଆଉ କେତେବେଳେ ଆଲୋଚନା ଚାଲିଥିବା କହୁଛନ୍ତି। ନିର୍ବାଚନ ସମୟରେ ସବୁ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ କହୁଥିବାବେଳେ ବର୍ତ୍ତମାନ ନିର୍ଦ୍ଦିଷ୍ଟ ମହିଳାଙ୍କୁ ଯୋଜନାରେ ସାମିଲ କରାଯାଇଛି। ରାଜ୍ୟରେ ଆଳୁ ସମସ୍ୟା ଉଗ୍ରରୂପ ଧାରଣା କଲାଣି। ନିବାଚନ ସମୟରେ ୩ଶହ ୟୁନିଟ୍ ମାଗଣା ବିଦ୍ୟୁତ୍ ଦେବାକୁ ପ୍ରତିଶୃତି ଦେଇଥିବାବେଳେ ତାହାକୁ ପ୍ରତାରଣା କରାଯାଇଥିବା ବିଜେଡି ଅଭିଯୋଗ କରିଛି। ବିକ୍ଷୋଭ ପ୍ରଦର୍ଶନରେ ଅନୁପ ପାତ୍ର, ଲିଙ୍ଗରାଜ ପାତ୍ର ଈଶ୍ୱର ବାଘ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାର ସଦସ୍ୟତା ଅଭିଯାନ ପ୍ରସ୍ତୁତି ବୈଠକ

ପାପଡ଼ାହାଣ୍ଡି, ୨୭।୮ ( ସ୍ୱପ୍ନଜିତ ପଟ୍ଟନାୟକ)



ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ା ଗ୍ରାମ ଧର୍ମଶାଳାରେ ବ୍ଲକ ଭାଜପାର ସଦସ୍ୟତା ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭାଜପା ଜିଲା ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ତ୍ରିନାଥ ଅମନାତ୍ୟଙ୍କ ସଭାପତିତ୍ୱରେ ବରିଷ୍ଠ ଭାଜପା ନେତା ହରିମୋହନ ଶର୍ମା, ଲିଙ୍ଗରାଜ ଭତରା, ଦୀନବନ୍ଧୁ ବିଷୋୟୀ ହରି ପାଣିଗ୍ରାହୀ, ମନୋଜ ଅଗ୍ରୱାଲ, ଓମ୍‌ପ୍ରକାଶ ଦାସ, ସୁନ୍ଦରଲାଲ ବିଷୋଇ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶାନୁଯାୟୀ ପ୍ରତେକ ସଦସ୍ୟ ସେପ୍ଟେମ୍ବର ୨ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ୧୦୦ରୁ ଊର୍ଦ୍ଧ୍ୱ ନୂତନ ସଦସ୍ୟ ଯୋଡିବା ପାଇଁ ଆଲୋଚନା ହୋଇଥିଲା। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳକୁ ମଜବୁତ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଡମ୍ବରୁ ଜାନୀ , ଚନ୍ଦ୍ରବାବୁ ନାୟକ, ମଣ୍ଡଳ ସଭାପତି କ୍ଷେତ୍ରମୋହନ ପାତ୍ରଙ୍କ ସହ ପାପଡ଼ାହାଣ୍ଡି ମଣ୍ଡଳର ୭ ପଞ୍ଚାୟତର ଶକ୍ତି ପ୍ରମୁଖ ଓ ଭାଜପା କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ରାସ୍ତା କଡ଼ରେ ପାର୍କିଂ କଲେ କାର୍ଯ୍ୟାନୁଷ୍ଠାନ

ଜୟପୁର, ୨୭।୮ (ପବନ ପାଣିଗ୍ରାହୀ)

ସୁଙ୍କି ଠାରୁ ଚାନ୍ଦିଲି ଯାଏ ଜାତୀୟ ରାଜପଥ କଡରେ ଗାଡି ପାର୍କିଂ କଲେ କାଯ୍ୟାନୁଷ୍ଠାନ ନିଆଯିବା ନେଇ ଜିଲାପାଳ ଭି. କୀର୍ତ୍ତି ଭାସନ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଗାନ୍ଧୀ ଛକରୁ ଉଷା ହସପିଟାଲ ଯାଏ ମଙ୍ଗଳବାର ପ୍ରସାଶନ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ବୁଧବାର ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରିବା ସହ ରାସ୍ତା କଡ଼ରେ ପାର୍କିଂ କଲେ ଜରିମାନା ଆଦାୟ କରାଯିବ। ପରବର୍ତ୍ତୀ ସମୟରେ ଗାଡି ପାର୍କିଂ କଲେ ଜବତ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନ ପକ୍ଷରୁ ଆରଟିଓ, ଏଆରଟିଓ, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ସଦର ଥାନାଧିକାରୀ ଈଶ୍ୱର ତାଣ୍ଡି ଏ ନେଇ ଦୋକାନୀଙ୍କୁ ଜଣାଇଛନ୍ତି।

# ସହରରେ ବଢୁଛି ଚୋରି, ପୋଲିସ ହାତ ଖାଲି

ଉମରକୋଟ, ୨୭।୮ (ସନ୍ତୋଷ ଶତପଥୀ)

**ସୋମବାର ରାତିରେ ଜଣଙ୍କ ଘରୁ ଟଙ୍କା, ସୁନା ଓ ଅନ୍ୟ ଜିନିଷ ଚୋରି ଅଭିଯୋଗ**

ନବରଙ୍ଗପୁର ଜିଲା ଉମରକୋଟରେ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି। ଯାହାକୁ ନେଇ ଲୋକେ ଏବେ ଭୟରେ। ସହରରେ ଚୋରି ଥମିବାର ନା ନେଉନି। ସୋମବାର ରାତିରେ ରାତିରେ ଉମରକୋଟ ପୌରାଞ୍ଚଳ ୧୪ ନମ୍ବର ୱାର୍ଡସ୍ଥିତ ବନ୍ଧ ନିକଟରେ ରହୁଥିବା ପ୍ରକାଶ ପରିଚ୍ଛାଙ୍କ ଘରୁ ଚୋରି ହୋଇଛି।

ପ୍ରକାଶ ଫେରି କାମ କରି ପରିବାର ପୋଷଣ କରନ୍ତି। ସେ ଉମରକୋଟ ନିକଟ ଏକ ଗାଁରେ ରହୁଥିଲେ। ତାଙ୍କ ସ୍ତ୍ରୀ ଗୁଲିପାଟଣାସ୍ଥିତ ଜଣଙ୍କ ଘରକୁ ଜନାଷ୍ଟମୀ ପୂଜା କରିବାକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ୨୪ ହଜାର ଟଙ୍କା, ସୁନା ମୁଦି, ୨ଟି ଗ୍ୟାସ ସିଲିଣ୍ଡର ଓ ଶାଢ଼ି ଆଦି ଚୋରି କରିନେଇଛନ୍ତି। ଏ ନେଇ ଉମରକୋଟ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସହରରେ ନିୟମିତ ବ୍ୟବଧାନରେ ଚୋରି ବଢ଼ି ଚାଲିଥିଲେ ମଧ୍ୟ ଉମରକୋଟ ପୋଲିସ କୌଣସି ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଧରିପାରୁନାହିଁ। ତୁରନ୍ତ ସମସ୍ତଙ୍କୁ ଧରିବାକୁ ପୋଲିସ ପଦକ୍ଷେପ ନେଉ ବୋଲି ସହରବାସୀ ଦାବି କରିଛନ୍ତି।



# ୩୧ ବ୍ୟକ୍ତିଗତ, ୧୨ ଦଳଗତ ଅଭିଯୋଗର ଶୁଣାଣି

ପାପଡ଼ାହାଣ୍ଡି, ୨୭।୮ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ପାପଡ଼ାହାଣ୍ଡି ବ୍ଲକ୍ ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରାଯାଉଛି। ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏହି ସମୟରେ ଏସ୍‌ପି ରୋହିତ ବର୍ମା, ଉପଜିଲାପାଳ ପ୍ରକାଶ ମିଶ୍ର, ମୁଖ୍ୟ ଉନ୍ନୟନ ଏବଂ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବିଡିଓ କପିଳଦେବ ସାହୁଙ୍କ ସହ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅଧିକାରୀମାନେ ୩୧ ବ୍ୟକ୍ତିଗତ ଏବଂ ୧୨ଟି ଦଳଗତ ଅଭିଯୋଗ ଶୁଣିଥିଲେ। ଗୋଟିଏ ସମସ୍ୟା ସମାଧାନ ତୁରନ୍ତ କରାଯାଇଥିଲା। ଅନ୍ୟ ଅଭିଯୋଗର ସମାଧାନ ତୁରନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମ ପରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ରଙ୍କ ଉପସ୍ଥିତିରେ ଜିଲାପାଳଙ୍କ ଦ୍ୱାରା ଏମ୍‌ବିପିୱାଇ ୨୫ଟି, ଟ୍ରାଇ ସାଇକେଲ ୩ଟି ପ୍ରଦାନ କରାଯାଇଛି।



ସହାୟତା ପାଇଥିବା ହିତାଧିକାରୀଙ୍କ ସହ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଯୁବକ ମୃତ

ରାୟଗଡ଼ା,୨୭।୮(ଆଶିଷ ରଞ୍ଜନ ପଣ୍ଡା)



ଟ୍ରେନ୍‌ରେ କଟି ଜଣେ ୩୨ ବର୍ଷୀୟ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଇନ୍ଦୁପୁର ଗ୍ରାମର ସନ୍ତୋଷ କୁମାର ବାର୍ଲା(୩୨) । ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ଦିନ ସମୟରେ ରାୟଗଡ଼ା ରେଳ ଷ୍ଟେଶନ ନିକଟସ୍ଥ ଶିବମନ୍ଦିର ନିକଟରେ ସନ୍ତୋଷ ରାୟଗଡ଼ା-ସିଙ୍ଗାପୁର ରେଳ ଲାଇନ ପାରି ହେଉଥିଲେ । ଏହି ସମୟରେ ବିଶାଖାପାଟଣା- ନିଜାମୁଦ୍ଦିନ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ ଧକ୍କା ହେବାରୁ ସନ୍ତୋଷଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ସୂଚନା ପାଇ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ରେଲୱେ ପୋଲିସ ପକ୍ଷରୁ ସୂଚନା ମିଳିଛି।

### ୨୧ କେଜି ଗଞ୍ଜେଇ ଜବତ, ୩ ଗିରଫ



ଗୁଡାରି, ୨୭।୮ (ପ୍ରମୋଦ କୁମାର ପତି )

ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପୋଲିସ ଗୁମୁଡ଼ା -ଗୁଡ଼ାରି ଛକ ନିକଟରୁ ୨୧. ୮୦୦ କିଲୋ ଗଞ୍ଜେଇ ଜବତକରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗୁମୁଡ଼ା ଫାଣ୍ଡି ପକ୍ଷରୁ ଗାଡ଼ି ଯାଞ୍ଚ ସମୟରେ ଏକ କାର୍‌ରୁ ଏହି ଗଞ୍ଜେଇ ଜବତ କରାଯାଇଥିଲା। ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର୍ (ଓଆର୍ ୦୨ବିଟି ୯୨୧୯) ଏବଂ ନଗଦ ୩୨୦୦ ଟଙ୍କା ଓ ମୋବାଇଲ ଫୋନ ଜବତ କରିଛି। ଗୁଡ଼ାରି ତହସିଲଦାର ତଥା ମାଜିଷ୍ଟ୍ରେଟ ଏ. ସ୍ନେହଲତାଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା।

### ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା



ଗୁଣପୁର,୨୭।୮(ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ଜଗନ୍ନାଥପୁର ମଣ୍ଡଳ ୨୦୨୪ର ଭାଜପା ସଦସ୍ୟତା ଅଭିଯାନ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଗଡ଼ବିଲିସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଅନୁଷ୍ଠିତ ଏହି କର୍ମଶାଳାରେ ଜଗନାଥପୁର ମଣ୍ଡଳ ସଦସ୍ୟତା ପ୍ରଭାରୀ ଶିବାଜୀ ଦାଶ ଯୋଗଦେଇଥିଲେ। କର୍ମଶାଳାକୁ ମଣ୍ଡଳ ସଭାପତି ଦିଲୀପ କୁମାର ଦାଶ ପରିଚାଳନା କରିଥିଲେ। ଜଗନ୍ନାଥପୁର ମଣ୍ଡଳରେ ୮ଟି ଗ୍ରାମପଞ୍ଚାୟତର ୩୪ଟି ବୁଥ୍‌ରେ ଆଗାମୀ ଦିନରେ ସଦସ୍ୟତା ଅଭିଯାନ କରାଯିବ। ପ୍ରତି ବୁଥ୍‌ସ୍ତରରେ କିଭଳି ୨୦୦ ସଦସ୍ୟ ସାମିଲ ହେବେ ସେ ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏଥିରେ ରାଜ୍ୟ ଆଦିବାସୀ ମୋର୍ଚ୍ଚା ସମ୍ପାଦକ ବିଦ୍ୟାଧର ଶବର, ଜିଲା ଉପସଭାପତି ଉଦୟ ପାଢ଼ୀ, ମଣ୍ଡଳ ଉପସଭାପତି ଅଜିତ କୁମାର ମହାଙ୍କୁଡ଼, ବିଭୁ ଶତପଥୀ, ଗୁଣପୁର ନଗର ସଭାପତି ବଦ୍ରି ମହାନ୍ତି ଓ ପୂର୍ବତନ ମଣ୍ଡଳ ସଭାପତି ପୃଥ୍ୱୀରାଜ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଲାଞ୍ଜିଆ ସୌରା ଅଞ୍ଚଳରେ ସଚେତନ କରିବ ରଥ

**ପ୍ରଧାନମନ୍ତ୍ରୀ ଜନମନ ସଚେତନତା ରଥ ଶୁଭାରମ୍ଭ**

ଗୁଣପୁର, ୨୭।୮(ପ୍ରଦୀପ କୁମାର ପାଢ଼ୀ )




ଉପଜିଲାପାଳ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି।

ରାୟଗଡ଼ା ଜିଲା ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନା ସଚେତନତା ରଥ ମଙ୍ଗଳବାର ଶୁଭାରମ୍ଭ ହୋଇଯାଇଛି। ଗୁଣପୁର ଉପଜିଲାପାଳ କିରନଦୀପ କୌର ସହୋତା ପତାକା ଦେଖାଇ ରଥ ଶୁଭାରମ୍ଭ କରିଥିଲେ । ଗୁଣପୁର ବ୍ଲକ୍ ଅନ୍ତର୍ଗତ ଲାଞ୍ଜିଆ ସୌରା ଅଧ୍ୟୁଷିତ ଅଞ୍ଚଳରେ ଏହି ରଥ ବୁଲି ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନା କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ସଚେତନ କରିବ। ରଥ ଶୁଭାରମ୍ଭ ସମୟରେ ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ପୁଟାସିଂ ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଅସୀମା ରାଓ, ସହକାରୀ ଜିଲାପାଳ ସତ୍ୟଜିତ ନାୟକ, ପ୍ରୋଗ୍ରାମ ଅଧିକାରୀ ବି. କୋମଲାଙ୍ଗୀ, ସାମାଜିକ ସୁରକ୍ଷା ଅଧିକାରୀ ଏଲ୍. ସନ୍ତୋଷ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ଉପସ୍ଥିତ ଥିଲେ।

ବ୍ଲକ୍‌ର ବିଶେଷ ଭାବେ ଅନୁନ୍ନତ ଜନଜାତି ସମୂହ 'ଲାଞ୍ଜିଆ ସୌରା' ବସବାସ କରୁଥିବା ୭ଟି ପଞ୍ଚାୟତର ୧୩୬ଟି ଗ୍ରାମରେ ଏହି ରଥ ପରିକ୍ରମା କରିବା ସହ ପିଏମ୍-ଜନମନ ସମ୍ପର୍କିତ ସଚେତନତା ସୃଷ୍ଟିକରିବ । ଦୁର୍ଗମ ଅନୁସୂଚିତ ଅଞ୍ଚଳର ଜନଜାତି ଭାଇଭଉଣୀଙ୍କୁ ପିଏମ୍ -ଜନମନ ଯୋଜନାରେ ମିଳୁଥିବା ସରକାରୀ ସୁବିଧା ସୁଯୋଗର ଲାଭ ଉଠାଇବା ପାଇଁ ଉତ୍ସାହିତ କରିବ । ଏହି ରଥ ଶୁଭାରମ୍ଭ କାର୍ଯ୍ୟକ୍ରମକୁ ପୁଟାସିଂ ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥା, ପଦ୍ମନାଭ ଭୋଳ, ପ୍ରକଳ୍ପ ପରିଚାଳକ ସୂର୍ଯ୍ୟକାନ୍ତ ନାୟକ, ଟିମ୍ ଲିଡର ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ସଂଯୋଜିତ କରିଥିଲେ। ଏହି ସଂସ୍ଥାର ଅନ୍ୟ ସମସ୍ତ କର୍ମଚାରୀ ଏବଂ ଆଇଟିଡିଏ କାର୍ଯ୍ୟାଳୟର ପ୍ରମୁଖ ଅଧିକାରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଅନ୍ୟପକ୍ଷରେ କିତୁଙ୍ଗ ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ଲୋକ ପ୍ରତିନିଧିଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# କଳାବ୍ୟାଜ୍ ପିନ୍ଧି ଡିଆଇଇଟି ଛାତ୍ରୀଛାତ୍ରଙ୍କ ଧାରଣା

ବିଷମକଟକ,୨୭।୮(ପ୍ରସନ୍ନ କୁମାର ପଣ୍ଡା)

**ଅଧ୍ୟକ୍ଷଙ୍କୁ ବହିଷ୍କାର ଦାବି**

ବିଷମକଟକ ବ୍ଲକ୍‌ସ୍ଥିତ ଜିଲା ଶିକ୍ଷକ ତାଲିମ ଅନୁଷ୍ଠାନ (ଡିଆଇଇଟି) ଅଧ୍ୟକ୍ଷଙ୍କୁ ଅନୁଷ୍ଠାନରୁ ସମ୍ପୂର୍ଣ୍ଣ ବହିଷ୍କାର ଦାବିରେ ମଙ୍ଗଳବାର ପୁଣି ଛାତ୍ରୀଛାତ୍ର କଳାବ୍ୟାଜ୍ ପିନ୍ଧି ଅନୁଷ୍ଠାନ ସମ୍ମୁଖରେ ଧାରଣାରେ ବସିଛନ୍ତି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ ଅନୁଷ୍ଠାନ ଅଧ୍ୟକ୍ଷ ଶରତ କୁମାର ସେଠ୍‌ଙ୍କୁ କୌଣସି କାରଣ ନ ଦର୍ଶାଇ ତାଙ୍କୁ ଦାୟିତ୍ୱରୁ ହଟାଇ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଜଗନ୍ନାଥ ମେହେରଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବା ନିମନ୍ତେ ଏକ ନିର୍ଦ୍ଦେଶନାମା ଜାରି କରିବା ପରେ ମଧ୍ୟ ଛାତ୍ରୀଛାତ୍ର ସନ୍ତୁଷ୍ଟି ପ୍ରକାଶ କରିନାହାନ୍ତି। ଅଧ୍ୟକ୍ଷଙ୍କୁ ସମ୍ପୂର୍ଣ୍ଣ ଭାବେ ଅନୁଷ୍ଠାନରୁ ବିଦାକରିବା ପାଇଁ ଅଡ଼ି ବସିଛନ୍ତି ଛାତ୍ରୀଛାତ୍ର।

ଚଳିତ ମାସ ୨ତାରିଖରେ ଅନୁଷ୍ଠାନର ଛାତ୍ରୀଛାତ୍ର ରାୟଗଡ଼ା ଜିଲାପାଳଙ୍କୁ ଭେଟି ଅନୁଷ୍ଠାନ ଅଧ୍ୟକ୍ଷ ଶରତ ସେଠ୍‌ଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁଣପୁର ଉପଜିଲାପାଳ କିରଣଦୀପ କୌରଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ତଦନ୍ତକରି ଫେରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସେହି ତଦନ୍ତ ରିପୋର୍ଟକୁ କାହିଁକି ସାର୍ବଜନୀନ କଲେନାହିଁ ବୋଲି ଛାତ୍ରୀଛାତ୍ର ପ୍ରଶ୍ନ କରିଛନ୍ତି । ଅପରପକ୍ଷରେ ଉପସ୍ଥାନରେ ୮୦%ରୁ କମ୍ ଉପସ୍ଥାନ ରଖିଥିବା ଛାତ୍ରୀଛାତ୍ରଙ୍କୁ ବୋର୍ଡ ପରୀକ୍ଷା ନିମନ୍ତେ ଫର୍ମ ଫିଲ୍‌ଅପ୍ କରିବାକୁ ଅନୁମତି ଦିଆ ନ ଯିବାରୁ ଛାତ୍ରୀଛାତ୍ର ମୋ ବିରୋଧରେ ଏଭଳି ଅଭିଯୋଗ ଆଣିଥିବା ପୂର୍ବତନ ଅଧ୍ୟକ୍ଷ ସେଠ୍ ସୂଚନା ଦେଇଛନ୍ତି। ବର୍ତ୍ତମାନ ଅନୁଷ୍ଠାନର ୮୦%ରୁ କମ୍ ଉପସ୍ଥାନ ରହିଥିବା ଛାତ୍ରୀଛାତ୍ର କିପରି ଫର୍ମ ଫିଲ୍‌ଅପ୍ କରିବେ ସେ ନେଇ ଚର୍ଚ୍ଚାର ବିଷୟ ପାଲଟିଛି।




ଛାତ୍ରୀଛାତ୍ର କଳାବ୍ୟାଜ୍ ପିନ୍ଧି ଧାରଣାରେ ବସିଛନ୍ତି।

# ବନ ବିଭାଗର ଚାରାରୋପଣକୁ ଗ୍ରାମବାସୀଙ୍କ ବିରୋଧ



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଗ୍ରାମବାସୀ।

ରାୟଗଡ଼ା,୨୭।୮(ଆଶିଷ ରଞ୍ଜନ ପଣ୍ଡା)

ସରକାରୀ ଜମିରେ ବନ ବିଭାଗର ଚାରାରୋପଣକୁ ବିରୋଧକରି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ରାୟଗଡ଼ା ବ୍ଲକ ଜେମାଦେଇପେଣ୍ଠ ପଞ୍ଚାୟତର ନାଗିଟି ଗ୍ରାମବାସୀ । ପୂର୍ବପୁରୁଷ ଅମଳରୁ ଚାଷ କରୁଥିବାର ରାଜସ୍ୱ ଓ ବନ ବିଭାଗ ଜମିକୁ ସେମାନଙ୍କଠାରୁ ଛଡ଼ାଇ ନ ନେବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପାଇବା ପରେ ଏ ନେଇ ଜିଲାପାଳଙ୍କୁ ଅବଗତ କରାଇବା ସହ ପଦକ୍ଷେପ ନିଆଯିବା ନେଇ ଆଶ୍ୱାସନା ଦେଇଛନ୍ତି ଅତିରିକ୍ତ ଜିଲାପାଳ ରଇତ।

ନାଗିଟି ଗ୍ରାମବାସୀଙ୍କ କହିବାନୁସାରେ, ସେମାନେ ୧୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପୂର୍ବ ପୁରୁଷ ଅମଳରୁ ଗ୍ରାମ ନିକଟସ୍ଥ ରାଜସ୍ୱ ଓ ବନ ବିଭାଗର ଜମିରେ ଚାଷ କରି ପରିବାର ଭରଣପୋଷଣ କରୁଛନ୍ତି । ବର୍ତ୍ତମାନ ବନ ବିଭାଗ ପକ୍ଷରୁ ଉକ୍ତ ଜମିରେ ଚାରାରୋପଣ ଆରମ୍ଭ ହୋଇଛି । ବନ ବିଭାଗକୁ ଅନୁରୋଧକଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବାରୁ ମହିଳା ନେତ୍ରୀ ସିନାଲୁ କଣ୍ଡାଗରିଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଙ୍ଗଲ ଜମି ପଟ୍ଟା ଆଇନ ଅନୁସାରେ ଉକ୍ତ ଜମିର ପଟ୍ଟା ସେମାନଙ୍କୁ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ନାଗିଟି ଗ୍ରାମ ସମେତ ଭିଲେଶୁ, ବଡ଼ହଂସା, ଟିକରପଡ଼ା ଓ ଜାଙ୍ଗିଡ଼ି ଗ୍ରାମର ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

### ବସୁନ୍ଧରା କାର୍ଯ୍ୟକ୍ରମ ଶୁଭାରମ୍ଭ

ଜେକେପୁର,୨୭।୮(ରାଜେଶ ବିଶ୍ୱାଳ)

ରାୟଗଡ଼ା ବ୍ଲକ୍ କୁମୁଟିପେଣ୍ଠ ଆର୍‌ଆଇ ସର୍କଲରେ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ନିମନ୍ତେ ସରକାରଙ୍କ ପ୍ରଣୋଦିତ 'ବସୁନ୍ଧରା' କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଉକ୍ତ ଯୋଜନାରେ ସରକାରଙ୍କ ତରଫରୁ ବାସହୀନ ଗରିବ ଶ୍ରେଣୀର ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇ ଜମିପଟ୍ଟା ପ୍ରଦାନ କରାଯିବାର ଯୋଜନା ହୋଇଛି। ଏହି ଅବସରରେ କୁମୁଟିପେଣ୍ଠ ଆର୍‌ଆଇ ସର୍କଲ ଅଧୀନ କୁମୁଟିପେଣ୍ଠ, କର୍ଲାକନା, ଚାନ୍ଦିଲି, ପେଷ୍ଟା ତଥା କୋଟପେଟା ପଞ୍ଚାୟତର ସିଲ୍ଲିଗୁଡ଼ା ଗ୍ରାମବାସୀ ମଙ୍ଗଳବାରଠାରୁ କୁମୁଟିପେଣ୍ଠସ୍ଥିତ ଆର୍‌ଆଇ ଅଫିସରେ ଆବେଦନପତ୍ର ଜମା କରିବା କାର୍ଯ୍ୟ ଆରମ୍ଭ ହୋଇଛି। ସଚେତନତା ଅଭାବରୁ ମାତ୍ର ୩୨ ଜଣ ଏହି ଯୋଜନାରେ ଆବେଦନ କରିଛନ୍ତି। ସର୍କଲ ଆର୍‌ଆଇ ଅଶୋକ କୁମାର ନାୟକଙ୍କ ସହ ଏଆର୍‌ଆଇ ତୃପ୍ତିଶ୍ରୀ ବାଗ ଏଂ ସନ୍ତୋଷ ଦାସ ତୃଣମୂଳସ୍ତରରେ ବିଶେଷ ପ୍ରଚାରପ୍ରସାର କରିବା ଦ୍ୱାରା ମଙ୍ଗଳବାର ମୋଟ ୯୭ ଜଣ ଭୂମିହୀନ ଆବେଦନ ପତ୍ର ଦାଖଲ କରିଛନ୍ତି।

# କାଶୀପୁରରେ ଆରମ୍ଭହେଲା ଡିଜିଟାଲ ଫସଲ ସର୍ବେକ୍ଷଣ

ଟିକିରି,୨୭।୮ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ୍‌ରେ ଆରମ୍ଭ ହୋଇଛି ଡିଜିଟାଲ ଫସଲ ସର୍ବେକ୍ଷଣ ଅଭିଯାନ। ଚଳିତ ଖରିଫ ଋତୁ ପାଇଁ ବ୍ଲକ୍‌ର ୨୪ଟି ଗ୍ରାମ ପଞ୍ଚାୟତର ୧ ଲକ୍ଷ ୪୧ ହଜାର ୬୫୨ଟି ପ୍ଲଟ୍ ସର୍ବେକ୍ଷଣ କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଏଥିପାଇଁ ଓଡ଼ିଶା ଜୀବିକା ମିଶନର ଏମ୍‌ବିକେ, କୃଷିମିତ୍ର, ପ୍ରାଣୀ ମିତ୍ର, କୃଷକ ସାଥୀ, ଗାଁର ଯୁବକଙ୍କ ମଧ୍ୟରୁ ୧୧୦ ଜଣ ସର୍ଭେୟର ନିଯୁକ୍ତ ହୋଇ ଉକ୍ତ ପ୍ଲଟ୍‌ଗୁଡ଼ିକ ମୋବାଇଲ ଫସଲ ସ୍ୱତନ୍ତ୍ର ଆପ୍ ଦ୍ୱାରା ସର୍ବେକ୍ଷଣ କରିବେ। ସର୍ଭେୟରଙ୍କୁ ନିରୀକ୍ଷଣ ପାଇଁ ବ୍ଲକ୍‌ରେ ୩୭ ଜଣ ସୁପରଭାଇଜର, ୪ ଜଣ ଭେରିଫାୟର ୪ ଜଣ ମାଷ୍ଟର ଟ୍ରେନର ବିଭିନ୍ନ ବିଭାଗରୁ ନିଯୁକ୍ତ ହୋଇଛନ୍ତି। ଫସଲ ସର୍ବେକ୍ଷଣ ପାଇଁ ରାୟଗଡା ଜିଲାପାଳଙ୍କ ତତ୍ତ୍ୱାବଧାନରେ ବ୍ଲକ୍ କମିଟି ଗଠନ କରାଯାଇଛି। କାଶୀପୁର ତହସିଲଦାର ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଡିଓ ଅମୃତ ରାଉଳ, ବ୍ଲକ କୃଷି ଅଧିକାରୀ ବଷ୍ଟୁ ହାଲ୍‌ଦାର ମାଷ୍ଟର ଟ୍ରେନର ରୂପେ, ଏଏଓ ନିହାର ରଞ୍ଜନ ଦାଶ, ବିପିଏମ୍ କିଶୋର କରକରିଆ,ମନୋଜ ଶବର ଭେରିଫାୟର ରୂପେ, ଏଓ ନିରଞ୍ଜନ ନାୟକ, ଏଏଫ୍‌ଓ ଏମ୍. ଆକାଂକ୍ଷା, ବିପିସି ଗାବ୍ରାଏଲ ସାଗରଙ୍କ ସମେତ ବିଭିନ୍ନ ବିଭାଗରୁ ସୁପରଭାଇଜର ସର୍ଭେୟରମାନେ ଉପସ୍ଥିତ ଥିଲେ। କାଶୀପୁର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଡିଜିଟାଲ ଫସଲ ସର୍ବେକ୍ଷଣ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସୂଚନା ଥାଉକି ୨୬ରୁ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଉକ୍ତ ଫସଲ ସର୍ବେକ୍ଷଣ ଚାଲିବ। ଏଥିରେ ଗ୍ରାମ ପଞ୍ଚାୟତର ସମସ୍ତ ଜନପ୍ରତିନିଧି, ଚାଷୀ, ଗ୍ରାମବାସୀ ସହଯୋଗ କରିବା ପାଇଁ କୁହାଯାଇଛି।



ବୈଠକରେ ଉପସ୍ଥିତ ଅଧିକାରୀ ଆଲୋଚନା କରୁଛନ୍ତି।

# ନନ୍ଦ ଉତ୍ସବରେ ଦଧିହାଣ୍ଡି ଭଙ୍ଗା

ମୁନିଗୁଡ଼ା,୨୭।୮
(ନନ୍ଦକିଶୋର ପଟ୍ଟନାୟକ)



ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ର।

ମୁନିଗୁଡ଼ାର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ମୁନିଗୁଡାର ଗୀତା ଭବନ ପରିସରରେ ପୁରୁଷାର୍ଥ ଆଧ୍ୟାତ୍ମିକ ସତ୍‌ସଙ୍ଗ ସେବା ସମିତି, ପାଇକସାହିସ୍ଥିତ ପୁରୁଷୋତ୍ତମ ଭାଗବତ ଟୁଙ୍ଗି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରାମକୃଷ୍ଣ ସଂଘ, ରାଧାମାଧବ ସଂଘ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜନ୍ମାଷ୍ଟମୀ ପାଳନ କରାଯାଇଥିଲା। ଜଗବନ୍ଧୁ ପଣ୍ଡା, ନିକୁଞ୍ଜ ଶତପଥୀ, ସଦାନନ୍ଦ ମହାପାତ୍ରଙ୍କ ସମେତ ଅନ୍ୟମାନେ ପୂଜାମଣ୍ଡପରେ କଳସ ସ୍ଥାପନ କରିବା ସହ ହୋମଯଜ୍ଞ ବିଭିନ୍ନ ପୂଜାର୍ଚ୍ଚନା କରିଥିଲେ। ପରେ ଶ୍ରୀକୃଷ୍ଣଙ୍କ ଜନ୍ମରୁ ଆରମ୍ଭକରି କୃଷ୍ଣଙ୍କ ବିଭିନ୍ନ ରୂପ ଓ ଲୀଳା ଉପରେ ପ୍ରବଚନ ଦିଆଯାଇଥିଲା । ବିଭିନ୍ନ ସଂଘ ପକ୍ଷରୁ ଭଜନ ଓ ସଂକୀର୍ତ୍ତନ ମଣ୍ଡଳୀ ନଗର ପରିକ୍ରମା କରାଯାଇଥିଲା । ନନ୍ଦ ଉତ୍ସବ ପାଳନ ବେଳେ କୁନି କୁନି ପିଲାମାନେ ଶ୍ରୀକୃଷ୍ଣ ବେଶ ଧାରଣକରି ଦଧିହାଣ୍ଡି ଭାଙ୍ଗିଥିଲେ । ଶିଶୁ ମନ୍ଦିରର ଛାତ୍ରୀଛାତ୍ର ରାଧା ଓ କୃଷ୍ଣ ବେଶ ଧାରଣକରି ନଗର ପରିକ୍ରମାକରି ରାଧାକୃଷ୍ଣ ମନ୍ଦିରରେ ପହଞ୍ଚି ସେଠାରେ ପୂଜାର୍ଚ୍ଚନା କରିଥିଲେ । ସେହିପରି ମୁନିଗୁଡା ଗ୍ରାମପଞ୍ଚାୟତର ୧୬ ଖଣ୍ଡ ଗୌଡ଼ ସମାଜ ତରଫରୁ ସଭାପତି ହାଡ଼ିପା ଗୌଡ଼ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦୋରାଙ୍କ ମିଳିତ ସଂଯୋଜନାରେ ନନ୍ଦ ଉତ୍ସବ ପାଳନ ଅବସରରେ ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନିକୁଞ୍ଜ ଶତପଥୀ ପୂଜାର୍ଚ୍ଚନା ସମ୍ପନ୍ନ କରିଥିବା ବେଳେ କର୍ତ୍ତାଭାବେ ପଦ୍ମନାଭ ବେହେରା କାର୍ଯ୍ୟ ତୁଲାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜର ବ୍ଲକ୍ ସମ୍ପାଦକ ପ୍ରଫୁଲ୍ଲ କୁମାର ଗୌଡ଼, ଗୁପ୍ତପ୍ରସାଦ ମହାନକୁଡ,ଭଗବାନ ଗୌଡ଼, କୋନେଇ ଗୌଡ଼ ପ୍ରମୁଖଙ୍କ ସମେତ ଅନ୍ୟ ସମସ୍ତ ଗୌଡ଼ ପରିବାର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଯକ୍ଷ୍ମା ଟିକାକରଣ ସଚେତନତା କାର୍ଯ୍ୟକ୍ରମ

ଜେକେପୁର,୨୭।୮(ରାଜେଶ ବିଶ୍ୱାଳ)

ରାୟଗଡ଼ା ବ୍ଲକ୍ କୁମୁଟିପେଣ୍ଠ ପଞ୍ଚାୟତରେ ଯକ୍ଷ୍ମା ଟିକାକରଣ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। 'ଯକ୍ଷ୍ମା ହଟାଓ ଦେଶ ବଚାଓ' ନାରା ଦେଇ ପ୍ରଚାର କରାଯାଇଥିଲା। ଏଥିରେ ଗ୍ରାମର ସ୍ୱାସ୍ଥ୍ୟକର୍ମୀ, ସିଏଚ୍‌ଓ, ଅଙ୍ଗନୱାଡି ତଥା ଆଶା ଦିଦି ସମୂହ ଯୋଗଦେଇ ଆଗାମୀ ସେପ୍ଟେମ୍ବର ୨ରୁ ସରକାରଙ୍କ ତରଫରୁ ହେବାକୁଥିବା ମାଗଣା ଯକ୍ଷ୍ମା ଟିକାକରଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ଯୋଗ୍ୟ ବ୍ୟକ୍ତି ଚିହ୍ନଟୀକରଣ, ରେଜିଷ୍ଟ୍ରେଶନ ନେଇ ସଚେତନତା କରିଥିଲେ। ଏହା ସହ କାନ୍ଥରେ ଯକ୍ଷ୍ମା ଟିକାକରଣ ସମ୍ବନ୍ଧିତ ପୋଷ୍ଟର ଲଗାଯାଇଥିଲା। ସଚେତନତା କାର୍ଯ୍ୟକ୍ରମରେ କୁମୁଟିପେଣ୍ଠ ଆରୋଗ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ଶ୍ରଦ୍ଧାଞ୍ଜଳି ବେହେରା, ଦୀପ୍ତି ମହାନ୍ତି ଏବଂ ଶ୍ରୀନିବାସ ରାଓ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।




ଯକ୍ଷ୍ମା ସଚେତନତା ଶୋଭାଯାତ୍ରା ।

# ନନ୍ଦୋତ୍ସବରେ କୃଷ୍ଣବେଶ ପ୍ରତିଯୋଗିତା

ରାୟଗଡ଼ା, ୨୭।୮ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ାସ୍ଥିତ କ୍ଲବ୍ ଦ ୟଙ୍ଗ ଇଣ୍ଡିଆ ସଂସ୍ଥା ପକ୍ଷରୁ ନନ୍ଦ ଉତ୍ସବ କାର୍ଯ୍ୟକ୍ରମ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଲାଇନ୍ସ କ୍ଲବ୍‌ଠାରେ କୁନି କୁନି ପିଲାଙ୍କ ମଧ୍ୟରେ କୃଷ୍ଣବେଶ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ ୧୦୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରଥିଲେ । ସେମାନଙ୍କ ମଧ୍ୟରୁ ମେଘାଲ ଯାଦବ ପ୍ରଥମ, ଆଂଶିଲେ ମହାପାତ୍ର ଦ୍ୱିତୀୟ, ଇଭି ସମ୍ପର୍କ ୩ୟ ସ୍ଥାନ ଅଧିକାରୀ କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ସେହିପରି ଅନ୍ୟ ୧୦ ଜଣଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

ସେହିପରି ସଂସ୍ଥାର ସଭାପତି ସୁରେନ୍ଦ୍ର କୁମାର ସାହୁ,ସମ୍ପାଦକ ଦୀପକ କୁମାର ପୃଷ୍ଟି,ଟ୍ରେଜେରର ଚିନାରୀ ବିଜୟ ମୋହନ, ପ୍ରୋଜେକ୍ଟ ଚେୟାର ମେନ୍ ଏନ୍. ଭେଙ୍କଟ ରମଣାଙ୍କ ସହ ଏମ୍ ରବି ରାକୁ ସିନ୍ଧି, ଆପା ରାଓ ପ୍ରମୁଖ ମଞ୍ଚାସୀନ ଥିଲେ ।




ଅତିଥିଙ୍କ ଗହଣରେ ରାଧାକୃଷ୍ଣ ବେଶରେ ସଜ୍ଜିତ ପିଲାମାନେ ।

# ୮୩ ଅଭିଯୋଗ ଶୁଣିଲେ ଜିଲାପାଳ

ଚନ୍ଦ୍ରପୁର,୨୭।୮ (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ର ସଭାଗୃହ ପରିସରରେ ମଙ୍ଗଳବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା ଜିଲାପାଳ ପାରୁଲ ପଟୱାରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୮୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୬୭ଟି ବ୍ୟକ୍ତିଗତ ଏବଂ ୧୬ଟି ସାମୂହିକ ଅଭିଯୋଗ ରହିଥିଲା। ପ୍ରକୋଷ୍ଠରେ ଜମିଜମା ସଂକ୍ରାନ୍ତୀୟ, ଭତ୍ତା ସମସ୍ୟା, ବର୍ଷା ନ ହେବା ଯୋଗୁ ଚାଷ ସମସ୍ୟା, ବହୁ ଗ୍ରାମରେ ସ୍କୁଲ ଘର ନିର୍ମାଣ ସମ୍ପର୍କରେ ବିଭିନ୍ନ ଅଭିଯୋଗ ପଞ୍ଜୀକୃତ କରାଯାଇଥିଲା। ସେହିପରି ଚନ୍ଦ୍ରପୁର ସଦର ମହାକୁମାଠାରେ ଏକ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ବହୁ ଯୁବକ ଏକ ଲିଖିତ ଅଭିଯୋଗପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ବୈଠକରେ ଜିଲା କ୍ରୀଡ଼ା ଅଧିକାରୀ ଅନୁପସ୍ଥିତ ଥିବା ଯୋଗୁ ଏ ସମ୍ପର୍କରେ ଆଲୋଚନ ହୋଇପାରି ନ ଥିଲା । ଉକ୍ତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ୩ଟି ଏସ୍‌ଏଚଜି ଗ୍ରୁପ୍‌କୁ ୭ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସେଥିମଧ୍ୟରୁ ଖାରୀଗୁଡା ମାଣିକେଶ୍ୱରୀ ଗ୍ରୁପ୍‌କୁ ୧ଲକ୍ଷ, ସିରିପଦାର ମା' ମାରିୟମ ଗ୍ରୁପ୍‌କୁ ମାଛ ଚାଷ ନିମନ୍ତେ ୩ ଲକ୍ଷ ଏବଂ ସାହାଯ୍ୟକାରୀ ଏସ୍‌ଏଚ୍‌ଜି ଗ୍ରୁପ୍‌କୁ କୁକୁଡ଼ା ଚାଷ ନିମନ୍ତେ ୩ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହ ୨ଜଣ ଦିବ୍ୟାଙ୍ଗଙ୍କୁ ୭୦୦୦ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ପ୍ରଦାନ କରାଯାଇଥିଲା।

ବୈଠକରେ ସମ୍ମାନିତ ଅତିଥି ଭାବେ




ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କଲେ ଜିଲାପାଳ।

**ଚନ୍ଦ୍ରପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି**

ଗୁଣପୁର ଉପଜିଲାପାଳ କିରଣଦୀପ କୌର, ଜିଲା ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେବ ଅହୋଲ୍ହା, ସିଡିଏମ୍‌ଓ ଡାକ୍ତର ଲାଲମୋହନ ରାଉତରାୟ, ଉପଖଣ୍ଡ ଅତିରିକ୍ତ ପୋଲିସ ଅଧୀକ୍ଷକ ବିଷ୍ଣୁ ଚରଣ ପାତ୍ର, ଉଦ୍ୟାନ ବିଭାଗ ଅଧିକାରୀ ଦୟାନିଧି ରାଉତ, ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ, ଜିଲା କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକ, ବିଡିଓ ଅକ୍ଷୟ କୁମାର ମଳିକ, ବ୍ଲକ ଅଧ୍ୟକ୍ଷ କୈନ କିମାକାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଜିଲାପାଳ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ତରଫରୁ ବ୍ଲକ୍ ପରିସରରେ ନଡ଼ିଆ ଏବଂ ଆମ୍ବ ଚାରା ରୋପଣ କରିଥିଲେ।

